# ହର ଘର ତ୍ରିରଙ୍ଗା ଶୋଭାଯାତ୍ରା



■ ବ୍ରହ୍ମପୁର, ତା୧୫।୮ (ପିଏନଏସ)

ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ହର୍ ଘର ତ୍ରିରଙ୍ଗା ଅଭିଯାନ ଚାଲିଥିବା ବେଳେ ବ୍ରହ୍ମପୁର ସହର ରୋଟାରୀ କ୍ଲବ ଯଥା ରୋଟାରୀ କ୍ଲବ ଅଫ ବ୍ରହ୍ମପୁର, ବ୍ରହ୍ମପୁର ଇଷ୍ଟ, ସେଣ୍ଟ୍ରାଲ,ମିଡ ଟାଉନ ଓ ଇନୋଭେଟିଭ ଆଦି ୫-ଟି କ୍ଲବର କର୍ମକର୍ତ୍ତା, ସଦସ୍ୟ, ସଦସ୍ୟା ଓ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଭାରତ ସ୍ୱାଧୀନତାର ୭୮ ବର୍ଷ ପାଳନ ଅବସରରେ ଦେଶର ସ୍ୱାଧୀନତା ଓ ସୁରକ୍ଷା ବାର୍ତ୍ତା ଦେଇ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ବ୍ରହ୍ମପୁର ସହରର ରୋଟାରୀ କ୍ଲବ ସମୂହ ପକ୍ଷରୁ ଏକ ୨ ଶହ ମିଟରର ଦୁଇଟି ମହା-ତ୍ରିରଙ୍ଗା ଯାତ୍ରା ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଠାରୁ ବାହାରି ପୁରାଣ ବସଷ୍ଟାଣ୍ଡ, ଗାନ୍ଧୀ ନଗର ଛକ ଦେଇ ମ୍ୟୁନିସିପାଲିଟି ଗେଷ୍ଟ ହାଉସ ଠାରେ ପହଞ୍ଚି ଉଦ୍‌ଯାପିତ ହୋଇଯାଇ ଥିଲା। ରୋଟାରୀ ୩୨୬୨ର ପ୍ରାନ୍ତପାଳ ପଞ୍ଚାଶିଷ ମହାପାତ୍ର ଓ ପୂର୍ବତନ ପ୍ରାନ୍ତପାଳ ଡ. ନାରାୟଣ ମିଶ୍ର ପତାକା ହଲାଇ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ତ୍ରିରଙ୍ଗା ଯାତ୍ରାରେ ସମସ୍ତ କ୍ଲବ ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଜାତୀୟ ପତାକାର ବିଶାଳ ଶୋଭାଯାତ୍ରା